# ଅଶ୍ୱଗନ୍ଧା ଚାଷ ଏକ ସଫଳ ଉଦ୍ୟୋଗ



ବିଭିନ୍ନ ଔଷଧୀୟ ବୃକ୍ଷ ଚାଷକୁ ମଧ୍ୟ ଏକ ଉଦ୍ୟୋଗରୂପେ ଗ୍ରହଣ କରାଯାଇପାରିବ । ଅଶ୍ୱଗନ୍ଧାକୁ ଇଂରାଜୀରେ 'ଇଉଅନିଆ ସୋମନିଫେରା କୁହାଯାଏ, ଏହାର ଚେରକୁ ଔଷଧରୂପେ ବ୍ୟବହାର କରାଯାଏ । ଏହା ଏକ ଆଣ୍ଟିବାୟୋଟିକ୍ ଓ ଆଣ୍ଟିବ୍ୟାକ୍ଟିରିଆଲ୍ ଅଟେ । ଏହା ପିଠି ଦରଜ, ଗଣ୍ଠିବାତ, ଯକ୍ଷ୍ମା, ଦୁର୍ବଳତା, ନପୁଂସକତା ଇତ୍ୟାଦି ପାଇଁ ବ୍ୟବହାର କରାଯାଏ । ଏହାର ରସ ବା ଅଠା କ୍ଷତ ସ୍ଥାନରେ ଲଗାଇଲେ ଆରାମ ମିଳେ ।

**ଚାଷ :** ଏହା ଅନୁର୍ବର, ଉର୍ବର ଜମି ଏବଂ ବାଲିଆ ଦୋରସା ଜମିରେ ଚାଷ କରାଯାଇ ପାରିବ । ଯେଉଁ ଜମିରେ ପାଣି ସୁବିଧାରେ ମାଡ଼ୁଥିବ ଓ ନିଷ୍କାସନ କରାଯାଇପାରୁଥିବ ସେଠାରେ ଏହା ଭଲ ଉଧାଏ । ୧୦ ଏକର ଜମିରେ ୨,୫୦୦ କି.ଗ୍ରା. ଅଶ୍ୱଗନ୍ଧା ଚେର ଉତ୍ପାଦନ ହୋଇଥାଏ । ଏହା ୬ ମାସ ମଧ୍ୟରେ ଉତ୍ପାଦନ କରାଯାଏ । ତେବେ କିଲୋ ପିଛା ୮୦.୦୦ ଟଙ୍କା ଦରରେ ବିକ୍ରିକଲେ ବାର୍ଷିକ ଟ.୨,୦୦,୦୦୦ ରୋଜଗାର ହୋଇପାରିବ ।

**ଜମି ପ୍ରସ୍ତୁତି :** ମଇ ମାସ ସୁଦ୍ଧା ଜମିକୁ ଭଲ ଭାବରେ ୪/୫ ଥର ଚାଷ କରାଯାଏ । ୧ ଏକର ପିଛା ୫ ଗାଡ଼ି ଗୋବର ଖତ ଦେଇ ଜମିରେ ଭଲ କରି ମିଶାଇ ଦିଆଯାଏ । ମାଟି ଗୁଣ୍ଡକରି (ଜୁନ୍‌ରେ) ନର୍ସରୀରୁ ଚାରା ଆଣି ରୋପଣ କରାଯାଏ ଅଥବା ଜୁନ୍, ଜୁଲାଇ ମାସରେ ଏକର ପିଛା ୩ କି.ଗ୍ରା. ମଞ୍ଜି ବୁଣାଯାଏ । ଏହା ଧାଡ଼ି ଧାଡ଼ି କରି ବୁଣିଲେ ଭଲ ହୁଏ । ଗଛରୁ ଗଛ ୩୦ ସେ.ମି. ବ୍ୟବଧାନ ରହିବା ଆବଶ୍ୟକ । ବର୍ଷା ଛାଡ଼ିଗଲା ପରେ ୫/୬ ଥର ପାଣି ମଡ଼ାଇବାକୁ ପଡ଼େ । ଯେତେବେଳେ ଗଛକୁ ୬/୭ ମାସ ହୁଏ, ତେବେ ଚେର ଉପାଡ଼ିବାକୁ ହୁଏ ।

**ଅଶ୍ୱଗନ୍ଧା ଚାଷ, ପ୍ରକଳ୍ପ**

୧. **ଆବଶ୍ୟକୀୟ ଜମି :** ୧୦ ଏକର ଜମି, ବାଲିଆ ଦୋରସା ଢ଼ିପ ଜମି ଦରକାର ପଡ଼େ । ଏହା ନିଜର ହୋଇପାରେ କିମ୍ବା ଲିଜ୍‌ରେ ନିଆଯାଇପାରେ ।

୨. **ଯନ୍ତ୍ରପାତି :** ଆବଶ୍ୟକୀୟ କୃଷି ଯନ୍ତ୍ରପାତି ତଥା ସ୍ପ୍ରେୟର, ବାଲ୍‌ଟି, ମୋଟର ପମ୍ପ ଯାହା ଟ. ୩୦,୦୦୦ ଯାଏଁ ଖର୍ଚ୍ଚ ଲାଗିଥାଏ ।

୩. **କଞ୍ଚାମାଲ :**

| | |
|---|---|
| (କ) ମଞ୍ଜି (ଅଶ୍ୱଗନ୍ଧା) | ୯,୦୦୦ |
| (ଖ) ସାର | ୮,୫୦୦ |
| (ଗ) ଖତ (୫୦ ଗାଡ଼ିକୁ) | ୨,୫୦୦ |
| (ଘ) ଅନ୍ୟାନ୍ୟ | ୩,୦୦୦ |
| **ମୋଟ** | **୨୩,୦୦୦** |

୪. **ଉପଯୋଗୀ ସାମଗ୍ରୀ :**

| | |
|---|---|
| ବିଜୁଳି ଭଡ଼ା ଇତ୍ୟାଦି | ୧,୦୦୦ |
| ଜଳସେଚନର ସୁବିଧା ପାଇଁ | ୧୩,୦୦୦ |
| **ମୋଟ** | **୧୪,୦୦୦** |

୫. **ପାରିଶ୍ରମିକ, ମଜୁରୀ ଇତ୍ୟାଦି**

ପାଣି ମଡ଼ାଇବା, କୁଡ଼ାଖୋସା ଇତ୍ୟାଦି ପାଇଁ ୬ ଜଣ ମୂଲିଆ ଆବଶ୍ୟକ ହୋଇଥାନ୍ତି ।

| | |
|---|---|
| ୧. ସବୁଦିନିଆ ମଜୁରୀ ୧ଜଣ ଟ. ୧,୫୦୦ (ମାସିକ) | ୧୮,୦୦୦ |
| ୨. ମଜୁରିଆ ୧ ଦିନ - (୫ ଜଣ) ମାସିକ ୨୦ ଦିନ | ୪,୦୦୦ |
| **ମୋଟ** | **୨୨,୦୦୦** |

୬. **ଅନ୍ୟାନ୍ୟ ଖର୍ଚ୍ଚ :**

| | |
|---|---|
| (କ) ଯାତାୟତ ଖର୍ଚ୍ଚ | ୮,୦୦୦ |
| (ଖ) ପରିଚାଳନା ଓ ମରାମତି | ୫,୦୦୦ |
| (ଗ) ମହକୁଦିକରଣ ଓ ଗୋଦାମ | ୫,୦୦୦ |
| (ଘ) ଷ୍ଟେସନାରୀ ଇତ୍ୟାଦି | ୨,୦୦୦ |
| **ମୋଟ** | **୨୦,୦୦୦** |

୭. **କାର୍ଯ୍ୟକାରୀ ପୁଞ୍ଜି (ମୂଳଧନ)**

| | |
|---|---|
| ୧. କଞ୍ଚାମାଲ | ୨୩,୦୦୦ |
| ୨. ପାରିଶ୍ରମିକ, ମଜୁରୀ | ୨୨,୦୦୦ |
| ୩. ଉପଯୋଗୀ ସାମଗ୍ରୀ ଖର୍ଚ୍ଚ | ୧୪,୦୦୦ |
| ୪. ଅନ୍ୟାନ୍ୟ | ୨୦,୦୦୦ |
| **ମୋଟ** | **୭୯,୦୦୦** |

**ମୋଟ ପ୍ରକଳ୍ପ ଖର୍ଚ୍ଚ :**

| | |
|---|---|
| (କ) ଯନ୍ତ୍ରପାତି ଓ ସରଞ୍ଜାମ | ୩୦,୦୦୦ |
| (ଖ) କାର୍ଯ୍ୟକାରୀ ପୁଞ୍ଜି | ୭୯,୦୦୦ |
| **ମୋଟ** | **୧,୦୯,୦୦୦** |

**ପୁଞ୍ଜି ବିନିଯୋଗ ପରିମାଣ :**

| | |
|---|---|
| (କ) ଉଦ୍ୟୋଗୀ ନିଜ ତରଫରୁ ବିନିଯୋଗ ରାଶି ୧୦% | ୧୦,୯୦୦ |
| (ଖ) ବ୍ୟାଙ୍କ୍ ଋଣ ୯୦% | ୯୮,୧୦୦ |
| **ମୋଟ** | **୧,୦୯,୦୦୦** |

୯. **ବାର୍ଷିକ ଉତ୍ପାଦନ ଖର୍ଚ୍ଚ :**

| | |
|---|---|
| (କ) କାର୍ଯ୍ୟକାରୀ ମୂଳଧନ/ପୁଞ୍ଜି | ୭୯,୦୦୦ |
| (ଖ) ଯନ୍ତ୍ରପାତିର କ୍ଷତି (୨୦%) | ୬,୦୦୦ |
| (ଗ) ବ୍ୟାଙ୍କ୍ ଋଣ ସୁଧ (୧୫%) | ୧୪,୦୦୦ |
| **ମୋଟ** | **୯୯,୭୦୦ ବା ୧,୦୦,୦୦୦** |

୧୦. **ବାର୍ଷିକ ଲାଭ କ୍ଷତିର ହିସାବ :**

୧୦ ଏକର ଜମିରୁ ବାର୍ଷିକ ୨,୫୦୦ କି.ଗ୍ରା. ଅଶ୍ୱଗନ୍ଧା ଚେର ଉତ୍ପାଦନ ହୋଇ ପାରିବ ।

| | |
|---|---|
| କି.ଗ୍ରା. ପ୍ରତି ଟ.୮୦.୦୦ ହିସାବରେ ୨,୫୦୦ କି.ଗ୍ରା. ଅଶ୍ୱଗନ୍ଧାର ବିକ୍ରିମୂଲ୍ୟ | ୨,୦୦,୦୦୦ |
| ଜାଳେଣୀପତ୍ର ତଥା ଅନ୍ୟାନ୍ୟ ଆୟ | ୧,୦୦୦ |
| ମୋଟ ବିକ୍ରିମୂଲ୍ୟ | ୨,୦୧,୦୦୦ |
| ବାର୍ଷିକ ଲାଭ ଟ | ୯୨,୦୦୦ |
| ବାର୍ଷିକ ଏକର ପିଛା ଲାଭ | ୯,୨୦୦ |
| ଦ୍ୱିତୀୟ ବର୍ଷ ଲାଭର ପରିମାଣ | ୧,୨୨,୦୦୦ |
| ବାର୍ଷିକ ଏକର ପିଛା ଲାଭ | ୧୨,୦୦୦ |

୧୨. **ବିକ୍ରୀ କରିବାର ସ୍ଥାନ :**

ଚେରମୂଳି ତଥା ଜଡ଼ିବୁଟି ଇତ୍ୟାଦି ଆୟୁର୍ବେଦିକ ଔଷଧ ପ୍ରସ୍ତୁତକାରୀ କମ୍ପାନୀ, ସୁଗନ୍ଧିତ ତେଲ ପ୍ରସ୍ତୁତକାରୀ କମ୍ପାନୀ ।

୧୩. **ଆବଶ୍ୟକୀୟ କଞ୍ଚାମାଲ୍ ମିଳିବାର ସ୍ଥାନ :**

ସେଣ୍ଟ୍ରାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିସିନାଲ୍ ଆଣ୍ଡ ଏରୋମେଟିକ୍ ପ୍ଲାଣ୍ଟସ୍

ପ୍ରଫେସର ରାମସାଗର ମିଶ୍ର ନଗର
ଲକ୍ଷ୍ନୌ - ୧୫ (ଉତ୍ତର ପ୍ରଦେଶ)

ଯଦି ଆପଣ ଏହି ଉଦ୍ୟୋଗ ଆରମ୍ଭ କରିବାକୁ ଚାହାନ୍ତି ତେବେ ବଜାର ସୃଷ୍ଟି, ମଞ୍ଜି, ପ୍ରକଳ୍ପ ରିପୋର୍ଟ, ଯନ୍ତ୍ରପାତି ଯୋଗାଣ ତଥା ଅନ୍ୟାନ୍ୟ ବୈଷୟିକ ସହାୟତା ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ ।


ଉଦ୍ୟୋଗ ବିକାଶ
ମାର୍ଫତ୍ - ସଂଯୋଗ
ରୋଡ୍ ନଂ-୨, କଣ୍ଟାବାଞ୍ଜି, ଜି : ବଲାଙ୍ଗୀର
ଦୂରଭାଷ - ୦୬୬୫୭ - ୨୧୪୪୨
ପ୍ରସ୍ତୁତି - କମଳେଶ ମହାନ୍ତି